# ପିଲାଙ୍କ ଧରିତ୍ରୀ

ଶନିବାର, ୧୪ ଜାନୁୟାରୀ, ୨୦୨୩




# ସ୍ମୃତିଧର ବିବେକାନନ୍ଦ



ପିଲାମାନେ, ତୁମେ ସ୍ୱାମୀ ବିବେକାନନ୍ଦଙ୍କୁ ନିଶ୍ଚୟ ଜାଣିଥିବ। ସେ ଥିଲେ ଆମ ଦେଶର ସୁଯୋଗ୍ୟ ସନ୍ତାନ। ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମାତା ଭୁବନେଶ୍ୱରୀ ଦେବୀ ଓ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ।

ବିବେକାନନ୍ଦଙ୍କ ପିଲା ବେଳର ନାମ ଥିଲା ବିଲେ। ଯେତେବେଳେ ସେ ପାଠ ପଢିବା ଆରମ୍ଭ କଲେ ତାଙ୍କର ନାମ ରଖାଯାଇଥିଲା ନରେନ। ଶୈଶବ ସମୟରେ ସେ ଧ୍ୟାନ କରିବାକୁ ଖୁବ୍ ଭଲ ପାଉଥିଲେ। ଏପରି କି ଥରେ ଧ୍ୟାନ କରୁ କରୁ ତାଙ୍କ ନିକଟକୁ ସାପଟିଏ ଆସି ଚାଲିଗଲା ପଛେ ସେ ଜାଣିପାରି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଗୁରୁ ରାମକୃଷ୍ଣ ପରମହଂସଙ୍କ ସାନ୍ନିଧ୍ୟରେ ଆସି ସ୍ୱାମୀ ବିବେକାନନ୍ଦଙ୍କ ନାମରେ ବିଖ୍ୟାତ ହୋଇଥିଲେ। ବିବେକାନନ୍ଦଙ୍କ ପାଠପଢାରେ ଥିଲା ଅସାଧାରଣ ପ୍ରତିଭା। ଏକାଗ୍ରତା କାରଣରୁ ସେ ଯାହା ପଢୁଥିଲେ ଖୁବ୍ କମ୍ ସମୟ ମଧ୍ୟରେ ସବୁ ମନେରଖି ପାରୁଥିଲେ। ଦିନେ ସେ ଲାଇବ୍ରେରିରୁ କିଛି ମୋଟା ମୋଟା ବହି ଆଣି ପଢ଼ି ପର ଦିନ ଲାଇବ୍ରେରିଆନ୍‌ଙ୍କୁ ଫେରାଇ ଦେଲେ। ଏପରି କିଛି ଦିନ ସେ ବାରମ୍ବାର ଲାଇବ୍ରେରିରୁ ଅନେକ ବହି ଆଣି ଦିନକ ପରେ ଫେରାଇ ଦେଉଥିଲେ। କିଛି ଦିନ ପରେ ଦିନେ ଲାଇବ୍ରେରିଆନ୍ ହଠାତ୍ ସ୍ୱାମୀ ବିବେକାନନ୍ଦଙ୍କୁ ପଚାରିଲେ, ଆପଣ ବହି ପଢୁଛନ୍ତି ନା ବହି ପଢ଼ିବାର ଛଳନା କରୁଛନ୍ତି? ସ୍ୱାମିଜୀ ତତକ୍ଷଣାତ୍ ଉତ୍ତର ଦେଲେ ଆପଣଙ୍କୁ ଯଦି ସନ୍ଦେହ ହେଉଛି, ତେବେ ମୁଁ ନେଇଥିବା ସବୁ ବହିରୁ ଯେକୌଣସି ପ୍ରଶ୍ନ ପଚାରି ପାରନ୍ତି! ଆଶ୍ଚର୍ଯ୍ୟଜନକ ଭାବେ ସ୍ୱାମିଜୀ ସେହି ଲାଇବ୍ରେରିଆନ୍‌ଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଠିକ୍ ରୂପେ ସଙ୍ଗେ ସଙ୍ଗେ ଦେଇଦେଲେ। ଏହା ଦେଖି ଅବାକ୍ ହୋଇଯାଇଥିଲେ ଲାଇବ୍ରେରିଆନ୍।

**ଗପ**

ସେହିପରି ଆଉଦିନେ ରାମକୃଷ୍ଣ ମଠକୁ କିଛି ନୂଆ ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକାର ଗୋଟିଏ ସେଟ୍ ବହି ଆସିଥିଲା। ସେହି ବହିଗୁଡ଼ିକ ଦେଖି ସ୍ୱାମିଜୀଙ୍କର ଜଣେ ଶିଷ୍ୟ ମନ୍ତବ୍ୟ ଦେଲେ,ଏତେଗୁଡ଼ାଏ ବହି ଜୀବନରେ ପଢ଼ିବା କ'ଣ ସମ୍ଭବ? ସ୍ୱାମିଜୀ ଶୁଣି କହିଲେ, ଆରେ କ'ଣ କହୁଛୁ! ଏହିଦଶ ଖଣ୍ଡ ବହିରୁ ଯାହା ଇଚ୍ଛା ପ୍ରଶ୍ନ କର। ସବୁ କହି ଦେବି। ଶିଷ୍ୟ ଜଣକ ଜାଣି ନ ଥିଲେ ଯେ ଏତେ କମ୍ ସମୟ ମଧ୍ୟରେ ସ୍ୱାମିଜୀ ସବୁ ବହି ପଢ଼ି ସାରିଛନ୍ତି ବୋଲି! ସ୍ୱାମିଜୀଙ୍କ କଥାନୁସାରେ ଶିଷ୍ୟଜଣକ ଯେତେସବୁ ପ୍ରଶ୍ନ ପଚାରିଲେ, ଗୋଟି ଗୋଟି କରି ସବୁ ପ୍ରଶ୍ନର ଉତ୍ତର ଅତି ସୁନ୍ଦର ଭାବରେ କହିଗଲେ। ଶିଷ୍ୟଙ୍କ ମୁହଁରେ ଆଉ ଉତ୍ତର ନ ଥିଲା। ସ୍ୱାମିଜୀ କହିଲେ, ଦେଖିଲୁ, ଏସବୁ ଏକାଗ୍ରତାର ହିଁ ଫଳ। ଶ୍ରୁତିଧର, ସ୍ମୃତିଧର ହୋଇଯିବ।

– **ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ: ୭୮୯୪୦୦୫୪୫୫

## ଖିଁଲି ଖିଁଲି ହସ

ଗୋଟେ ସାହିରେ ଚୋରି ହୋଇଗଲା। ଏଥିପାଇଁ ସମସ୍ତେ ବ୍ୟସ୍ତ ହୋଇଯାଉଥିଲେ କିଏ ଚୋରି କରିଛି! ସେତିକିବେଳେ ରାଜୁ କହିଲା– ମୋତେ ଲାଗୁଛି, ଏ କାମ ଗୋଟେ ଚୋର କରିଛି?

ମହେଶ ଇଞ୍ଜିନିୟରିଂ ଫର୍ମ ଭରୁଥିବା ସମୟରେ ସେଠାରେ ଠିଆ ହୋଇଥିବା ଗାର୍ଡଙ୍କୁ ପଚାରିଲା– ଭାଇ ଏ କଲେଜ୍ କେମିତି?
ଗାର୍ଡ– ବହୁତ ଭଲ। ମୁଁ ବି ଏହି କଲେଜ୍‌ରେ ପଢୁଥିଲି।

ପପୁର ପରୀକ୍ଷା ଚାଲିଥିଲା। ସେ ୧୫ ମିନିଟ୍‌ରେ ତା' ଏକ୍‌ଜାମ୍ ପେପର ଦେଇ କ୍ଲାସ୍‌ରୁ ବାହାରି ଯିବାବେଳେ ଟିଚର ପଚାରିଲେ କିଛି ଆସିଲାନି କି?
**ପପୁ:** ଏମିତି କଥା ନାହିଁ, ମୋର ନେକ୍ସଟ ଏକ୍‌ଜାମ୍ ପାଇଁ ପୁଣି ପ୍ରସ୍ତୁତ ହେବି ତ?

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଗୁଡ଼ି ଉଡ଼ା ପର୍ବ

ପ୍ରତିବର୍ଷ ଜାନୁୟାରୀ ମାସରେ ଭାରତର ବିଭିନ୍ନ ସ୍ଥାନରେ ଲୋକେ ମକର ସଂକ୍ରାନ୍ତିକୁ ଉତ୍ସାହର ସହ ପାଳନ କରିଥାନ୍ତି। କେବଳ ଆମ ଦେଶରେ ନୁହେଁ ରୋମାନ ଓ ଇହୁଦିମାନେ ମଧ୍ୟ ଏହି ପର୍ବ ପାଳନ କରିଥାନ୍ତି। ତେବେ ମକର ସଂକ୍ରାନ୍ତି ଗୁଡ଼ି ଉଡା ପାଇଁ ପ୍ରସିଦ୍ଧ। ଜାଣନ୍ତୁ ଗୁଡ଼ି ଉଡାର ଇତିହାସ ସମ୍ପର୍କରେ...

ଗୁଡ଼ିର ଇତିହାସ ୨୦୦୦ ବର୍ଷରୁ ଅଧିକ ପୁରୁଣା। କୁହାଯାଏ, ଗୁଡ଼ି ଉଡ଼େଇବା ସଉକ ପ୍ରଥମେ ଚାଇନାର ଜେନେରାଲ ହାନ ହାସିନ୍ ଏବଂ ହାନ୍ ରାଜବଂଶଙ୍କର ଥିଲା। ବିଶ୍ୱାସ କରାଯାଏ କି ଗୁଡ଼ି ପ୍ରଥମେ ଚାଇନାରେ ଆବିଷ୍କାର କରାଯାଇଥିଲା। ୱାଇଫାଙ୍ଗ୍ ସହରକୁ ଗୁଡ଼ିର ଜନ୍ମସ୍ଥାନ କୁହାଯାଏ। ପଞ୍ଚମ ଶତାବ୍ଦୀରେ ଦୁଇ ଦାର୍ଶନିକ ମୋଜି ଏବଂ ଲୁ ବାନଙ୍କ ଦ୍ୱାରା ଗୁଡ଼ି ଉଦ୍ଭାବନ କରାଯାଇଥିଲା। ସେତେବେଳେ ବାଉଁଶ ଏବଂ ରେଶମ କପଡ଼ା ଗୁଡ଼ି ତିଆରି ପାଇଁ ବ୍ୟବହୃତ ହେଉଥିଲା। ଚାଇନାର ୱାଇଫାଙ୍ଗ୍ ଏବଂ ସ୍ୟାନଡଙ୍ଗ୍ ସହର ବିଶ୍ୱରେ 'କାଇଟ୍ କ୍ୟାପିଟାଲ୍' ଭାବରେ ଜଣାଶୁଣା। ଏହି ସହରର ଲୋକମାନେ ଟିକିଏ ଫୁରସତ୍ ମିଳିଲେ ଗୁଡ଼ି ଉଡ଼େଇଥାନ୍ତି। ସେମାନଙ୍କ ଗୁଡ଼ିର ଡିଜାଇନ୍‌ରେ ସାଙ୍କେତିକ ଚିହ୍ନ, ଚାଇନାର ଲୋକନୃତ୍ୟ କିମ୍ବା ସେମାନଙ୍କ ପରମ୍ପରାର ଚିତ୍ର ଅଙ୍କା ଯାଇଥାଏ।

ତେବେ ପ୍ରାଚୀନ ଭାରତର ସାହିତ୍ୟରେ ତ୍ରୟୋଦଶ ଶତାବ୍ଦୀର ମରାଠୀ କବି ନାମଦେବ ତାଙ୍କ କବିତାରେ ପ୍ରଥମେ ଗୁଡ଼ି ବିଷୟରେ ବର୍ଣ୍ଣନା କରିଥିଲେ। ଭାରତୀୟ ସଂସ୍କୃତିରେ ମୋଗଲମାନଙ୍କ ରାଜୁତି ସମୟରେ ଗୁଡ଼ି ପରିଚିତ ହୋଇଥିଲା। ମୋଗଲ ସମ୍ରାଟ ବାବର, ଆକବର ଏବଂ ଶାହାଜାହନଙ୍କ ରାଜତ୍ୱ ସମୟରେ ଗୁଡ଼ି ଉଡ଼େଇବା ଆବୃତ୍ତିଲାଭ କରିଥିଲା। ଗୁଡ଼ି ଉଡ଼ା ଉତ୍ସବକୁ ଦକ୍ଷିଣ ଭାରତରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ପର୍ବ ସେଠାରେ ପୋଙ୍ଗଲ ଭାବେ ପ୍ରସିଦ୍ଧ। ପୋଙ୍ଗଲ ଚାରିଦିନ ବ୍ୟାପୀ ପାଳନ କରାଯାଏ। ପ୍ରଥମ ଦିନ ଭୋଗି, ଦ୍ୱିତୀୟ ଦିନ ସୂର୍ଯ୍ୟ, ତୃତୀୟ ଦିନ ମଟ୍ଟୁ ଏବଂ ଚତୁର୍ଥ ଦିନକୁ କନୁମ୍ ପୋଙ୍ଗଲ ଭାବେ ପାଳନ କରାଯାଏ। ଏହି ଅବସରରେ ଗୁଡ଼ି ଉଡ଼ା ସହ ବଳଦ ଦୌଡ଼ ଓ ଗଞ୍ଜା ଲଢ଼େଇ ଆଦି ପ୍ରତିଯୋଗିତା ଆୟୋଜନ କରାଯାଏ।

ଶ୍ରୀଲଙ୍କାର ଲୋକମାନେ ବର୍ଷସାରା ଗୁଡ଼ି ଉଡ଼େଇବା ପାଇଁ ପସନ୍ଦ କରନ୍ତି। ଶ୍ରୀଲଙ୍କାରେ ରହୁଥିବା ତାମିଲ୍ ଲୋକମାନେ ପୋଙ୍ଗଲକୁ ଉତ୍ସାହର ସହ ପାଳନ କରିଥାନ୍ତି। ଏହି ପୋଙ୍ଗଲ ପର୍ବ ମାଲେସିଆ, ମରିସସ୍, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ଆମେରିକା, ଇଂଲଣ୍ଡ ଏବଂ କାନାଡାରେ ମଧ୍ୟ ତାମିଲମାନଙ୍କ ପର୍ବ ଭାବେ ପାଳନ କରାଯାଏ। ଗୁଡ଼ି ଉଡ଼ାରେ ରାଜସ୍ଥାନ 'କାଇଟ୍ କ୍ୟାପିଟାଲ' ନାମରେ ପରିଚିତ। ମକର ସଂକ୍ରାନ୍ତି ପାଇଁ ଗୁଜରାଟର ଅହମଦାବାଦରେ ପ୍ରତିବର୍ଷ ଅନ୍ତର୍ଜାତୀୟ କାଇଟ୍ ଫେଷ୍ଟିଭାଲ୍ ଆୟୋଜନ କରାଯାଏ। ଏହି ଉତ୍ସବରେ ପୃଥିବୀର ବିଭିନ୍ନ ଦେଶ ଯଥା ଜାପାନ, ଚାଇନା, ମାଲେସିଆ, ଇଂଲଣ୍ଡ ଓ ଫ୍ରାନ୍ସରୁ ପ୍ରତିଯୋଗୀମାନେ ଭାଗ ନେଇଥାନ୍ତି। ଏହି ପ୍ରତିଯୋଗିତାରେ କାଗଜରେ ତିଆରି ଗୁଡ଼ି ବ୍ୟତୀତ ବିଭିନ୍ନ ଦେଶର ପାରମ୍ପରିକ ଗୁଡ଼ି ମଧ୍ୟ ଉଡ଼ାଯାଇଥାଏ। ମାଲେସିଆର ୱାଲ୍ ବଲଙ୍ଗ୍ କାଇଟ୍, ଇଣ୍ଡୋନେସିଆର ଲୟାଙ୍ଗ ଲୟାଙ୍ଗ କାଇଟ୍, ଆମେରିକାର ଜିଆଣ୍ଟ ବ୍ୟାନର୍ କାଇଟ୍, ଜାପାନର ରୋକାକୁ ଫାଇଟର୍ କାଇଟ୍, ଚାଇନାର ଡ୍ରାଗନ୍ କାଇଟ୍ ଇତ୍ୟାଦି ଉଡ଼ାଯାଏ।



## ମତାମତ

✪ଶାସ୍ତ୍ରୀଜୀଙ୍କ ବିଷୟରେ କିଛି ରୋଚକ କଥା ସ୍ତମ୍ଭରୁ ତାଙ୍କ ବିଷୟରେ ନୂଆ କଥା ଜାଣିବାକୁ ପାଇଲି।
**– ଇପ୍‌ସିତା ଦାସ**, ରମ୍ପା, ବରି, ଯାଜପୁର

✪ପିଲାଙ୍କ ଧରିତ୍ରୀ ପୃଷ୍ଠା ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ।
**– ପୁନମ୍ ପରିଡ଼ା**, ଲଣ୍ଡେଇସାହି, ଗଞ୍ଜାମ

✪ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ସ୍ତମ୍ଭରେ କୁନି ଶେଫ୍ ସାନ୍‌ଭିଙ୍କ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେଲି।
**– ଶିବରାମ ହୋତା**, ଜୟପୁର, କୋରାପୁଟ

# ପିଲାଙ୍କ ପାଇଁ ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ

"ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶ ପଛରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ଅଧିକାଂଶ ପିଲା ଚଟ୍‌ପଟି ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି। ତେବେ ସ୍ୱାସ୍ଥ୍ୟୋପକାରୀ ଖାଦ୍ୟ ସମ୍ପର୍କରେ ସେମାନେ ତଥା ମା-ବାପା ସଚେତନ ରହିବା ଆବଶ୍ୟକ।"



ପିଲାମାନଙ୍କର ଉଭୟ ଶାରୀରିକ ଏବଂ ମାନସିକ ବିକାଶ ପଛରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ପିଲାମାନେ ଚଟ୍‌ପଟି ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରୁଛନ୍ତି। ହେଲେ ସେମାନଙ୍କ ଖାଦ୍ୟପେୟ ପ୍ରତି ମା'ବାପା ସଚେତନ ହେବା ଆବଶ୍ୟକ। ଛୋଟପିଲାଙ୍କୁ ଏ ବିଷୟରେ ଭଲ ଭାବରେ ବୁଝାଇଲେ ସେମାନେ ସେ ବିଷୟରେ ଜାଣିପାରିବେ। ପିଲାମାନେ ଏପରି ଖାଦ୍ୟ ଖାଆନ୍ତୁ, ଯଦ୍ୱାରା ଶରୀରକୁ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ। ସେମାନଙ୍କ ଖାଦ୍ୟ ତାଲିକାରେ ସେଓ, ନାସ୍‌ପାତି ଆଦି ଫ୍ରୁଟ୍ସ ସାମିଲ କରନ୍ତୁ। ତଟକା ଫଳମୂଳରେ ଭିଟାମିନ୍ 'ଇ' ଓ 'ସି' ଭଳି ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଏଭଳି ତତ୍ତ୍ୱ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ପିଲାଙ୍କ ଶରୀର ବିକାଶ ଲାଗି ପ୍ରତିଦିନ ଅଣ୍ଡା ଖାଇବା ଆବଶ୍ୟକ। ଏହା ଶରୀରରେ ମାନସିକ ବିକାଶରେ ସାହାଯ୍ୟ କରିଥାଏ। ପିଲାମାନେ ବିଶେଷକରି ପ୍ରୋଟିନ୍, ଭିଟାମିନ୍ ବି, ଭିଟାମିନ୍ ଡି ଓ ଓମେଗା-୩ ଫ୍ୟାଟି ଏସିଡ୍ ଓ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏପରି ଖାଦ୍ୟ ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିଥାଏ। ପିଲାଙ୍କ ଶାରୀରିକ ତଥା ମାନସିକ ବିକାଶରେ ଡ୍ରାଏ ଫ୍ରୁଟ୍ସର ଆବଶ୍ୟକତା ରହିଛି। ଯେତେପ୍ରକାର ନଟ୍ସ ଅଛି ପିଲାଙ୍କୁ ଦିଅନ୍ତୁ। କାରଣ ଏଥିରେ ପ୍ରୋଟିନ୍ ରହିଛି।

## କମଳା ମୋର ପସନ୍ଦ

ଶୀତଦିନରେ ମିଳୁଥିବା କମଳା ଖାଇବାକୁ ମୋର ଭାରି ପସନ୍ଦ। ଘରେ ମାମା କରୁଥିବା କମଳା ଜୁସ୍,ମିକ୍ସ ଜୁସ୍ ପିଇଥାଏ। ଫାଷ୍ଟଫୁଡ ଜାତୀୟ ଖାଦ୍ୟ ଖାଇବା ଆଗ୍ରହ ଥିଲେ ହେଁ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବାରୁ କମ୍ ଖାଏ। ଶୀତଦିନରେ ଫୁଲକୋବି ଓ ବିଭିନ୍ନ ପ୍ରକାର ଶାଗ ଖାଇବାକୁ ଭଲ ଲାଗେ। ପ୍ରତିଦିନ ଉପରବେଳା ସ୍କୁଲରୁ ଆସିବା ପରେ ନିକଟସ୍ଥ ଟାଉନ୍ କ୍ଲବ ପଡିଆରେ କ୍ରିକେଟ୍ ଖେଳିଥାଏ। ସ୍କୁଲ୍‌ରେ ମଧ୍ୟ ହକି ଖେଳେ।



**-ମହିମା ଆଦିତ୍ୟ ବେହେରା**
କ୍ଲାସ୍-୯,ଡି.ଏ.ଭି.ପବ୍ଲିକ୍ ସ୍କୁଲ୍,ପୋଖରୀପୁଟ, ଭୁବନେଶ୍ୱର

## ସ୍ୱାସ୍ଥ୍ୟୋପଯୋଗୀ ଖାଦ୍ୟ ଖାଏ

ସବୁବେଳେ ମୋ ଖାଦ୍ୟ ପ୍ରତି ବେଶ୍ ସଚେତନ ଥାଏ। କାରଣ ଆମର ଶାରୀରିକ ତଥା ମାନସିକ ବିକାଶରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷଭାବରେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ବହୁତ କମ୍ ଖାଏ। ତଟକା ଫଳମୂଳ, ଜୁସ୍, କ୍ଷୀର ଆଦିକୁ ମୁଁ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିଛି। ପ୍ରତିଦିନ କିଛି ସମୟ ଖେଳିଥାଏ। ତା' ସହ ସକାଳୁ ବାପାଙ୍କ ସହ ମର୍ନିଂ ୱାକ୍ ମଧ୍ୟ କରେ। ଏହାବ୍ୟତୀତ ସବୁଜ ପନିପରିବାରୁ ପ୍ରସ୍ତୁତ ତରକାରି, ଭଜା ଆଦି ଖାଇଥାଏ। ରାତିରେ ଆଦୌ ଭାତ ଖାଏନା। ରୁଟି ଖାଏ। ଆମେ ଯଦି ଏତିକି ବେଳୁ ଖାଦ୍ୟପେୟ ପ୍ରତି ସଚେତନ ରହିବା ତେବେ ଆଗକୁ ନିଜକୁ ଫିଟ୍ ରଖିପାରିବା।



**-ଅରୋଅର୍ପିତ ମହାପାତ୍ର**,କ୍ଲାସ୍-୯,ବାୟା ଅବଧୂତ ସରକାରୀ ନୋଡାଲ ସ୍କୁଲ,କନିମୂଳ,ତିର୍ତ୍ତୋଲ,ଜଗତ୍‌ସିଂହପୁର

## ସୁଷମ ଖାଦ୍ୟ ହିତକର

ଆଜିକାଲିର ପିଲାମାନେ ନିଜର ବୟସ ଅନୁସାରେ ଖାଦ୍ୟ ପସନ୍ଦ କରିଥାଆନ୍ତି। ପୁଣି ଛୋଟ ପିଲାଙ୍କର ଚଟ୍‌ପଟିଜାତୀୟ ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ। ମାତ୍ର ସେତେବେଳେ ବୁଝିପାରନ୍ତି ନାହିଁ ଯେ, ଏହି ବୟସରେ କେଉଁ ଖାଦ୍ୟ ଖାଇବା ଠିକ୍ ବା ଭୁଲ୍। ତେଣୁ ଏ ସମୟରେ ମା'ବାପା ପିଲାମାନଙ୍କୁ ଜଗିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନେ ଯେଉଁ ଖାଦ୍ୟ ଖାଉଛନ୍ତି ତାହା ହାଇଜେନିକ୍ ହେବା ନିହାତି ଜରୁରୀ। ସେମାନେ ବାହାର ଖାଦ୍ୟ ଯେତେ କମ୍ ଖାଇବେ, ତାହା ସେମାନଙ୍କ ପାଇଁ ସେତେ ଭଲ। ପିଲାମାନଙ୍କୁ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସବୁବେଳେ ଦେଲେ ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ଠିକ୍ ଭାବରେ ହୋଇଥାଏ। ପିଲାଙ୍କ ବ୍ରେନ୍ ଡେଭଲପମେଣ୍ଟ ପାଇଁ କୋଲେଷ୍ଟରଲ ଯୁକ୍ତ ଖାଦ୍ୟ ନିହାତି ଜରୁରୀ। ସେଥିପାଇଁ ତାଙ୍କ ଖାଦ୍ୟରେ ଘିଅକୁ ସାମିଲ କରିପାରିବେ। ସେମାନଙ୍କୁ ଓମେଗା ଫ୍ୟାଟ୍‌ଯୁକ୍ତ ଖାଦ୍ୟ, ଆଲ୍‌ମଣ୍ଡ, ୱାଲନଟ୍ସ,ଚିନାବାଦାମ,କାଜୁବାଦାମ ଆଦି ଖାଇବାକୁ ଦିଅନ୍ତୁ। ଶୀତଦିନେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦୁଗ୍ଧଜାତୀୟ ଖାଦ୍ୟ, ଭିଟାମିନ୍ 'ଇ'ରେ ପରିପୂର୍ଣ୍ଣ ଅଁଳା, ପାଚିଲା କଦଳୀ, ଅମୃତଭଣ୍ଡା, ମାଣ୍ଡିଆ ଯାଉ, ଗାଜର ହାଲୁଆ ଆଦି ଖାଇବାକୁ ଦିଅନ୍ତୁ। ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ-ମାଣ୍ଡିଆ, ରାଶି, କୋଳଥ ଡାଲି, ଶାଗ ଆଦି ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଆଉ ଏକ କଥା ହେଲା, ସେମାନଙ୍କର ଜୀବନଶୈଳୀ। ଆଜିକାଲି ଅଧିକାଂଶ ପିଲା ସ୍କୁଲ-ଘର-ଟ୍ୟୁଶନ ଭିତରେ ସୀମିତ ରହିଯାଉଛନ୍ତି। ସେମାନଙ୍କୁ ଆଉଟଡୋର୍ ଆକ୍ଟିଭିଟି ସହ ଜଡ଼ିତ କରାନ୍ତୁ। ବିଭିନ୍ନ ପ୍ରକାର ଖେଳ ଖେଳିବା ଦ୍ୱାରା ତାହାର ସୁପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡ଼ିଥାଏ। ପିଲାମାନଙ୍କୁ ମାଛ, ମାଂସ ଖାଇବାକୁ ଦେଲେ ତାହା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ସିଜନ୍‌ରେ ଯେଉଁ ଫଳ ଓ ପନିପରିବା ମିଳୁଛି, ତାକୁ ପିଲାମାନେ ଖାଇବା ଆବଶ୍ୟକ।



**-ଡା.ଗୁରୁ ପ୍ରସାଦ ଦାସ**, ସିନିୟର ଡାଏଟିସିଆନ୍, କେୟାର ହସ୍ପିଟାଲ, ଭୁବନେଶ୍ୱର

## ବାନାନାସେକ୍ ଭଲ ପାଏ

ବିଶେଷକରି ଶୀତଦିନେ ମାମା ଘରେ ବନାଉଥିବା ବାନାନାସେକ୍,ମିକ୍ସସେକ୍ ପିଇଥାଏ। ମୋର ବିଶେଷଭାବରେ ଡ୍ୟାନ୍ସ ପ୍ରତି ରୁଚି ରହିଛି । ଏହା ମଧ୍ୟ ଏକ ପ୍ରକାର ବ୍ୟାୟାମ। ବାବାଙ୍କ ସହ ବେଳେ ବେଳେ ମର୍ନିଂ ୱାକ କରିଥାଏ। ଆମିଷ ମୋର ପ୍ରିୟ ଖାଦ୍ୟ ହୋଇଥିଲେ ସୁଦ୍ଧା ଶୀତ ଦିନରେ ମିଳୁଥିବା ପିଆଜ ଶଣ୍ଢା, ଶିମ୍ବ ଭଜା ମୋର ପସନ୍ଦ।



**-ଦିବ୍ୟାଂଶୁ ପ୍ରଧାନ**,
କ୍ଲାସ୍-୬,ଗ୍ଲୋରିୟସ୍ ଇଂରାଜୀ ମାଧ୍ୟମ ସ୍କୁଲ୍,ଦଳା,ଯାଜପୁର ରୋଡ,ଯାଜପୁର





୧




୨



୩



୬



୪



୫



୭



**ନିଦ୍ରାବତୀ କାର୍ଯ୍ୟୀ**
କ୍ଲାସ୍-୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି

୧



**ଦିବ୍ୟାଂଶୁ କୁମାର ମଙ୍ଗଳମ୍**
କ୍ଲାସ୍- ୬, ଡିଏଭି ପବ୍ଲିକ ସ୍କୁଲ, ପ୍ରଗତି ମାର୍ଗ, ବେଦାନ୍ତ ରୋଡ, ଝାରସୁଗୁଡା

୨



**ତନୟ ପଣ୍ଡା**
କ୍ଲାସ୍- ୧, ପଣ୍ଡଲମ୍ ୟୁ. ପି ସ୍କୁଲ, କଳାପଥର, ବାଙ୍କି, କଟକ

୩



**ଦୀକ୍ଷା ସାମଲ**
କ୍ଲାସ୍- ୩, ଭେଙ୍କଟେଶ୍ୱର ସ୍କୁଲ, ଯାଜପୁର ଟାଉନ, ଯାଜପୁର

୪



**ଆଦିତ୍ୟ ପ୍ରୀତମ**
କ୍ଲାସ୍-୭, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର

୫



**ପ୍ରୟାଗ ସାଇ କର**
କ୍ଲାସ୍- ୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୬

**ସ୍ୱାଧୀନ ମୁଦୁଲି**
କ୍ଲାସ୍- ୭, ସରକାରୀ ଉ. ପ୍ରା ବିଦ୍ୟାଳୟ, ପାଣିକୋଇଡ, ବାଙ୍କି, କଟକ



୭



# କବିତା



## ପିମ୍ପୁଡ଼ି

ପିମ୍ପୁଡ଼ି ଗୋଟିଏ ଛୋଟ ଜୀବ ସିନା
ନାହିଁ ତା' ମନରେ ଡର
ସଅଳ ଉଠି ସେ କାମରେ ଲାଗଇ
ଗଢ଼ଇ ତାହାର ଘର ।
ଆପଣା ଦୁଃଖକୁ ଭୁଲିଯାଇ ସିଏ
ଆହାର ଆଣଇ ଖୋଜି
ଖରା ବରଷାକୁ ଖାତିର ନ କରି
ଜୀବନ ଲଗାଏ ବାଜି ।
ତା' ଟିକି ପାଟିରେ ଆହାର ଆଣଇ
ଟିକି ଘରେ ତା'ର ସଞ୍ଚେ
ଆନନ୍ଦ ମନରେ ବାରମାସ ଯାକ
ଟିକି ପିମ୍ପୁଡ଼ିଟି ବଞ୍ଚେ ।
ଆସରେ ସଭିଏଁ ପିମ୍ପୁଡ଼ିଠାରୁ
ଶିଖିବା ସହିବା ଗୁଣ
କାମରେ ହେଳା କରିବାନି କେବେ
ଛାଡ଼ିବା ଅଳସ ପଣ ।
ପିମ୍ପୁଡ଼ି ପରି ତ ସଞ୍ଚୟ କରିବା
ବଞ୍ଚିବାଟି ବାରମାସ
ବିପଦ ଆସିଲେ ନ ଥିବ ମନରେ
ଆମର ଦୁଃଖ କ୍ଲେଶ ।

**– ନଳିନୀ ଦାଶ**
ଶରଣକୁଳ,ଭିକାରିପଡ଼ା
ମୋ: ୬୩୭୦୦୯୫୨୪୧

## ଦେଖିବାକୁ ଯିବା ହକି

ରାଉରକେଲା ଭୁବନେଶ୍ୱରରେ
ହେଉଅଛି ସାଜସଜ୍ଜା,
ସାରା ସହରରେ ରଙ୍ଗିନ ତୋରଣ
ଦେଖିଲେ ଲାଗିବ ମଜା ।
କେତେ ବର୍ଷ ପରେ ବିଶ୍ୱକପ୍ ଲାଗି
ଚିତ୍ରକର ଆଙ୍କେ ଛବି
ଝଲସି ଉଠୁଛି ସକାଳ କିରଣେ
ପୂରୁବେ ଉଠିଲେ ରବି ।
ଆମରି ଜାତୀୟ ଖେଳ ପରା ହକି
ବିଦେଶେ ରଖିଛି ଟେକ,
ଧ୍ୟାନଚାନ୍ଦ ଥିଲେ ଆମରି ଆଦର୍ଶ
ଭାରତ ଭିତରେ ଏକ ।
ଦିଲୀପ,ଇଗ୍ନେସ,ପ୍ରବୋଧ ଆମର
ଓଡ଼ିଶା ମାଟିର ପୁଅ,
ତାଙ୍କ ପାଇଁ ଆମ ଓଡ଼ିଶାର ଟେକ
କିଏ ଜାଣିନାହିଁ କୁହ ।

**– ଶେଖର କୁମାର ସ୍ୱାଇଁ**
ଏସ୍‌ସିବି ଡିଏଭି ପବ୍ଲିକ ସ୍କୁଲ, କଟକ

## ପଢ଼ିବା ଆମେ ବହି



କିଣିବା ବହି ବଜାର ଯାଇ
କରିବା ନାହିଁ ମଠ
ଆଗକୁ ଅଛି ଆମ ପରୀକ୍ଷା
ପଢ଼ିବା ଆମେ ପାଠ ।
ମାନିବା ଆମେ ଗୁରୁ ଆଦେଶ
କରିବା ନମସ୍କାର
ଭାବିବା ଆମେ ବିଦ୍ୟାଳୟକୁ
ଗୋଟିଏ ପରିବାର ।
କରିବା ନାହିଁ କଳି କଜିଆ
ପଢ଼ିବା ସାଥୀ ହୋଇ
ମନ୍ଦକୁ ଛାଡ଼ି ଭଲ ଶିଖିବା
ମିଛ କହିବା ନାହିଁ ।
ଶୁଣରେ ମୋର ଭଉଣୀ ଭାଇ
ନୀତି ସକାଳୁ ଉଠ
ଜାଣିବା ପାଇଁ ଅନେକ କଥା
ପଢ଼ିବା ଆମେ ପାଠ ।

**– ଜିତୁ ପ୍ରଧାନ**
କୁଷାପାଣ୍ଡେରୀ, ନୟାଗଡ଼
ମୋ: ୭୬୮୧୦୪୮୬୪

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ସବୁଠାରୁ ଓଜନିଆ ଆମ୍ବ

ଆମ୍ବ ଖାଇବାକୁ କାହାକୁ ବା ଭଲ ନ ଲାଗେ । ପିଲାମାନେ ତୁମେ କେତେପ୍ରକାର ଆମ୍ବ ବିଷୟରେ ଜାଣିଛ କୁହ ତ ? ତେବେ ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଜଣେ କଲମ୍ବିଆନ୍ ଚାଷୀ ପରିବାର ଆମ୍ବ ଚାଷ କରି ବିଶ୍ୱର ଓଜନିଆ ଆମ୍ବ ଉତ୍ପାଦନ କରିଛନ୍ତି । ଜର୍ମାନ୍ ଓରଲାଣ୍ଡୋ ଓ ରେଇନା ମାରିଆ ଏହି ଦମ୍ପତିଙ୍କ ଦ୍ୱାରା ଉତ୍ପାଦନ ହୋଇଥିବା ଏହି ଆମ୍ବ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛି । କଲମ୍ବୋର ଗୁଆଟାରେ ଉତ୍ପାଦିତ ହୋଇଥିବା ଏହି ଆମ୍ବର ଓଜନ ୪.୨୫ କିଗ୍ରା । କଲମ୍ବିଆ ଚାଷୀମାନେ କିପରି କ୍ଷେତରେ କଠିନ ପରିଶ୍ରମ କରି ଭଲ ଫଳ ପାଇଛନ୍ତି ତାକୁ ଏହି ଗିନିଜ୍ ରେକର୍ଡ୍ସ ମାଧ୍ୟମରେ ଉକ୍ତ ଦମ୍ପତି ବିଶ୍ୱ ପାଇଁ ନିଜର ବାର୍ତ୍ତା ରଖିଛନ୍ତି । ଇତିହାସରେ ଏହି ରେକର୍ଡ ଲିପିବଦ୍ଧ ରହିବା ଲାଗି ସେମାନେ ଆମ୍ବର ଏକ ପ୍ରତିଛବି ତିଆରି କରି ସେମାନଙ୍କ ମ୍ୟୁନିସିପାଲିଟିକୁ ଦାନ କରିଛନ୍ତି । ତେବେ ପୂର୍ବ ରେକର୍ଡ ଅନୁଯାୟୀ ଫିଲିପାଇନ୍ସର ୩.୪୩୫ କିଗ୍ରା ଆମ୍ବ ସବୁଠାରୁ ଓଜନିଆ ଥିଲା ।



# ଏଥରର

- ବିଶ୍ୱରେ କେଉଁ ଦେଶର ସମ୍ବିଧାନ ଅଳ୍ପ ଶବ୍ଦରେ ଲେଖାଯାଇଛି ?
- ସୁପର୍ କମ୍ପ୍ୟୁଟରକୁ କିଏ ଉଦ୍ଭାବନ କରିଥିଲେ ?
- ବିଦ୍ୟୁତ୍ କିଏ ଉଦ୍ଭାବନ କରିଥିଲେ ?
- ଅନ୍ଧାର ମହାଦେଶ କାହାକୁ କୁହାଯାଏ ?
- ଆମେରିକାର ଜାତୀୟ ଖେଳ କ'ଣ ?

## ଗତଥରର ଉତ୍ତର

- ସପ୍ତମ
- ସିକିମ୍
- ୬୦୦୦
- କଦଳୀ
- ଛେଳି

# କହିଲ ଦେଖି



ସୂରୁଯଙ୍କ ଗତି ବଦଳିଥାଏ
ଦକ୍ଷିଣରୁ ସିଏ ଉତ୍ତର ହୁଏ ।
ଧନୁ ସରିଯାଇ ଆସେ ମକର
କମି କମି ଯାଏ ଘାସେ କାକର ।
ସୂରୁଯ–ଶନିଙ୍କ ଆଶିଷ ପାଇଁ
ରାଶି ଓ ଗୁଡ଼ର ଭୋଗ ଲାଗଇ ।
ଏହି ଦିନଟିର ଭାରି ଆଦର
ଗୁଡ଼ି ଉଡ଼ା ପର୍ବେ ଜମେ ଆସର ।
ପରବର ନାମ ଯିଏ କହିବ
ରାମଚଣ୍ଡୀ ଯାତ ସିଏ ଦେଖିବ ।

ଉତ୍ତର– **ମକର ସଂକ୍ରାନ୍ତି**



ନୁହେଁ ସେ ବିହଙ୍ଗ ଆକାଶେ ଉଡ଼େ
ଲଟେଇ ସୂତାକୁ ତା ଦେହେ ଯୋଡ଼େ ।
ଉଡ଼େ ଫରଫର ଲାଞ୍ଜ ହଲେଇ
ସୂତା କଟିଗଲେ ତଳେ ପଡ଼ଇ ।
ହେଉ ଗଳିକନ୍ଦି ପ୍ରାନ୍ତର ଛାତ
ପିଲାଏ ଉଡ଼ାନ୍ତି ସତେ କି ନେତ ।
ତା'ର ନାମଟିକୁ ଯିଏ କହିବ
ମହାନଦୀ କୂଳେ ତା'କୁ ଦେଖିବ ।

ଉତ୍ତର– **ଗୁଡ଼ି**



ପଉଷ ମାସର ଗୋଟିଏ ଦିନ
ସୂରୁଯ ଦେବଙ୍କ ବଦଳେ ମନ ।
ଛାଡ଼ି ଧନୁ ରାଶି ମକରେ ଯା'ନ୍ତି
ଦିନ ବଢ଼େ ସିନା କମଇ ରାତି ।
ସୂରୁଯଙ୍କ ଏହି ଗତିର ନାମ
କହିଲେ ଦେଖିବ କୋଣାର୍କ ଧାମ ।

ଉତ୍ତର– **ଉତ୍ତରାୟଣ ଗତି**

**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ, ମୋ: ୯୯୩୮୨୬୪୪୭୬




# ଫ୍ରଣ୍ଟିଅର

## ପୃଥିବୀର ସର୍ବଶ୍ରେଷ୍ଠ ସୁପର କମ୍ପ୍ୟୁଟର

ସବୁଠୁ ଶକ୍ତିଶାଳୀ କମ୍ପ୍ୟୁଟରକୁ କୁହାଯାଏ ସୁପର କମ୍ପ୍ୟୁଟର। ଏହି କମ୍ପ୍ୟୁଟରଗୁଡ଼ିକର ସ୍ମୃତି ଓ ଗଣନ ଦକ୍ଷତା ବହୁତ ଅଧିକ। ଏହାର ଆକାର ମଧ ଖୁବ୍ ବଡ଼। ଅନେକଗୁଡିଏ ତଥ୍ୟକୁ ଖୁବ୍ କମ୍ ସମୟ ମଧ୍ୟରେ ଗଣନା କରି ଜଣାଇଥାଏ ଏହି କମ୍ପ୍ୟୁଟର। ତେଣୁ ଏହା ସାହାଯ୍ୟରେ ପାଣିପାଗର ଆଗୁଆ ସୂଚନା, ମହାକାଶ ଗବେଷଣା, ଭୂଗର୍ଭରେ ରହିଥିବା ଖଣିଜ ପଦାର୍ଥର ଅନୁସନ୍ଧାନ ପରି ଜଟିଳ କାର୍ଯ୍ୟ କରାଯାଇପାରେ। ଏହି କମ୍ପ୍ୟୁଟର ତିଆରି ପାଇଁ ଉଚ୍ଚତର ଜ୍ଞାନକୌଶଳ ସହିତ ପ୍ରଚୁର ଅର୍ଥ ଆବଶ୍ୟକ ହୁଏ। ତେଣୁ ଅଳ୍ପ କେତୋଟି ହାତଗଣତି ଦେଶ ତିଆରି କରିପାରୁଛନ୍ତି ସୁପର କମ୍ପ୍ୟୁଟର।

ସର୍ବପ୍ରଥମେ ୧୯୭୬ରେ ଆମେରିକାର ଇଞ୍ଜିନିୟର ସିମୁର କ୍ରେ ଏକ ସୁପର କମ୍ପ୍ୟୁଟର ତିଆରି କରିଥିଲେ। ତାହାର ନାମ ଥିଲା କ୍ରେ-୧। ଏହା ଥିଲା ପୃଥିବୀର ପ୍ରଥମ ସୁପର କମ୍ପ୍ୟୁଟର। ତେଣୁ ସିମୁର କ୍ରେଙ୍କୁ ଅତି ଗଣନା ବା ସୁପର କମ୍ପ୍ୟୁଟିଂର ଜନକ ବୋଲି କୁହାଯାଏ। ସୁପରକମ୍ପ୍ୟୁଟରର ଗଣନ କ୍ଷମତାକୁ ଫ୍ଲପ ଏକକରେ ମାପ କରାଯାଏ। ତେଣୁ କ୍ରେ-୧ ସୁପର କମ୍ପ୍ୟୁଟରର ଗଣନ କ୍ଷମତା ଥିଲା ୧୬୦ ମେଗାଫ୍ଲପ। ଅର୍ଥାତ୍ ଏଥିରେ ପ୍ରତି ସେକେଣ୍ଡରେ ୧୬ କୋଟି ଗଣନା କରିପାରୁଥିଲା। ଏହାର ସ୍ମୃତିଶକ୍ତି ଥିଲା ମାତ୍ର ୮ ମେଗାବାଇଟ୍ସ। ଏବେକାର ସାଧାରଣ କମ୍ପ୍ୟୁଟର ତୁଳନାରେ ଏହାର ସ୍ମୃତି ବହୁ ଗୁଣରେ କମ୍ ଥିଲା। ଏହାର ଇଂଲିଶ୍ C ଅକ୍ଷର ବିଶିଷ୍ଟ ଏକ ବଡ଼ ସିଲିଣ୍ଡର ଆକୃତିର ହୋଇଥିବାରୁ ଏଥିରେ ବ୍ୟବହୃତ ପରିପଥଗୁଡ଼ିକୁ ସ୍ୱଳ୍ପ ସ୍ଥାନରେ ସଙ୍କୁଚିତ କରି ରଖାଯାଇଥିଲା।

ଏହାର ଓଜନ ଥିଲା ୫.୫ ଟନ୍ ଓ ସେଥିରେ ୧୧୫ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ଉପଯୋଗ ହେଉଥିଲା। ସେତେବେଳେ ଏହି ସୁପର କମ୍ପ୍ୟୁଟରର ନିର୍ମାଣରେ ପ୍ରାୟ ୮.୮ ନିୟୁତ ଡଲାର ବ୍ୟୟ କରାଯାଇଥିଲା। ଏହା ଖୁବ୍ କମ୍ ସମୟ ମଧ୍ୟରେ ଅସଂଖ୍ୟ ତଥ୍ୟକୁ ବିଶ୍ଳେଷଣ କରି ଜଣାଉଥିଲା। ତେଣୁ ଏହାକୁ ବାତ୍ୟାର ପୂର୍ବାନୁମାନ, ଖଣିଜତୈଳ ଅନୁସନ୍ଧାନ, ମହାକାଶ ଅଭିଯାନ, ପାଣିପାଗ ଗବେଷଣା, ଜଟିଳ ଗାଣିତିକ ସମସ୍ୟାର ସମାଧାନ ଆଦିରେ ବ୍ୟବହାର କରାଯାଇଥିଲା। ଆମେରିକାର ଲସ୍ ଆଲାମସ୍ ନ୍ୟାଶ୍ନାଲ ଲାବରେଟୋରି ପ୍ରଥମେ ଗୋଟିଏ କ୍ରେ ସୁପର କମ୍ପ୍ୟୁଟରକୁ କିଣି ପ୍ରତିଷ୍ଠା କରିଥିଲା। ଏବେ ଦିନକୁଦିନ ପୃଥିବୀରେ ବହୁ ଶକ୍ତିଶାଳୀ ଓ ଅତ୍ୟାଧୁନିକ ସୁପର କମ୍ପ୍ୟୁଟର ନିର୍ମାଣ କରାଯାଉଛି। ସେତେବେଳର ସୁପରକମ୍ପ୍ୟୁଟର ତୁଳନାରେ ଏବେକାର ସୁପର କମ୍ପ୍ୟୁଟର ବହୁଗୁଣରେ ଅଧିକ ଶକ୍ତିଶାଳୀ। ଗତ ନଭେମ୍ବର ମାସରେ ଉନ୍ମୋଚନ ହୋଇଯାଇଛି ପୃଥିବୀର ସର୍ବଶ୍ରେଷ୍ଠ ୫୦୦ ସୁପର କମ୍ପ୍ୟୁଟରର ୬୦ତମ ସୂଚୀ। ଏହି ସୂଚୀରେ ସ୍ଥାନ ପାଇଥିବା ପୃଥିବୀର ସବୁଠାରୁ ଶକ୍ତିଶାଳୀ ସୁପର କମ୍ପ୍ୟୁଟରଟି ହେଉଛି ଫ୍ରଣ୍ଟିଅର। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ଟେନିସେସ୍ଥିତ ଅକ୍‌ରିଜ୍ ନ୍ୟାଶନାଲ ଲାବରେଟୋରିଜ୍ ଅନ୍ତର୍ଗତ ଅକ୍‌ରିଜ୍ ଲିଡରଶିପ୍ କମ୍ପ୍ୟୁଟର ଫାସିଲିଟିଠାରେ ପ୍ରତିଷ୍ଠା କରାଯାଇଛି। ଏହାର ଗଣନ କ୍ଷମତା ରହିଛି ୧.୧୦୨ ଏକ୍ସାଫ୍ଲପ୍। ଏହା ହେଉଛି ପୃଥିବୀର ପ୍ରଥମ ଏକ୍ସା ଶ୍ରେଣୀୟ ସୁପର କମ୍ପ୍ୟୁଟର। ୧ର ଡାହାଣ ପାର୍ଶ୍ୱରେ ୧୮ଟି ଶୂନ ଦେଲେ ଯେଉଁ ବିଶାଳ ସଂଖ୍ୟା ମିଳେ, ତାହାକୁ ଏକ ଏକ୍ସା କୁହାଯାଏ। ଅର୍ଥାତ୍ ଏହା ପ୍ରତି ସେକେଣ୍ଡରେ ୧୧.୦୨ ପରାର୍ଦ୍ଧରୁ ଊର୍ଦ୍ଧ୍ୱ ଗଣନା କରିବାକୁ ସକ୍ଷମ ହୋଇଥାଏ। ପୃଥିବୀର ଦ୍ୱିତୀୟ ସର୍ବଶ୍ରେଷ୍ଠ ତଥା ଗତବର୍ଷର ସର୍ବଶ୍ରେଷ୍ଠ ଜାପାନୀୟ ଫାଗାକୁ ସୁପର କମ୍ପ୍ୟୁଟର ତୁଳନାରେ ଏହା ପ୍ରାୟ ଅଢ଼େଇ ଗୁଣ ଅଧିକ ଶକ୍ତିଶାଳୀ। ଫାଗାକୁ ସୁପର କମ୍ପ୍ୟୁଟର ପରେ ରହିଥିବା ୮ଟି ଶକ୍ତିଶାଳୀ ସୁପର କମ୍ପ୍ୟୁଟରର ସମୁଦାୟ ଗଣନ କ୍ଷମତାଠାରୁ ଏହାର ଗଣନ କ୍ଷମତା ଅଧିକ।

ଫ୍ରଣ୍ଟିଅର ସୁପର କମ୍ପ୍ୟୁଟର ପ୍ରଥମେ ୨୦୨୧ରେ ପ୍ରତିଷ୍ଠିତ ହୋଇଥିଲା। ଏଥିରେ ଏଏମ୍‌ଡି ପ୍ରୋସେସର ବ୍ୟବହୃତ ହୋଇଥିବା ବେଳେ ଏଥିରେ ୭୪ଟି ଏଚ୍‌ପିଇ କ୍ରେ ଏକ୍ସ ଅତିଗଣନା କ୍ୟାବିନେଟ୍ ରହିଛି। ପ୍ରତି କ୍ୟାବିନେଟ୍‌ର ଓଜନ ୩୬୦୦ କିଗ୍ରାରୁ ଅଧିକ ରହିଛି। ଏଗୁଡ଼ିକରେ ସମୁଦାୟ ୯୪୦୦ ଗଣନକାରୀ ନୋଡ ରହିଛି। ଫ୍ରଣ୍ଟିଅର ସୁପର କମ୍ପ୍ୟୁଟରରେ ୯୪୦୮ଟି ସିପିୟୁ (ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍), ୩୭୬୩୨ଟି ଜିପିୟୁ (ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍) ରହିଛି। ପ୍ରତି ସିପିୟୁରେ ୪୮ଟି ଲେଖାଏଁ କୋର ରହିଛି। ଏହିପରି ଏଥିରେ ସମୁଦାୟ ୮୭୩୦୧୧୨ଟି କୋର ରହିଛି। ଫଳରେ ଏହାର ଗଣନ ଦକ୍ଷତା ଅଧିକ




ରହିଛି। ଏହାର ସ୍ମୃତି ଶକ୍ତି ରହିଛି ୭୦୦ ପେଟା ବାଇଟ୍ସ। ଏଥିରେ ୨୧ ମେଗାୱାଟ୍ ଶକ୍ତି ବ୍ୟବହୃତ ହେଉଅଛି। ଏଥିରେ ଅପେକ୍ଷାକୃତ କମ ଶକ୍ତି ଆବଶ୍ୟକ ହେଉଥିବାରୁ ଏହା ସଦ୍ୟ ପ୍ରକାଶିତ ଗ୍ରୀନ ୫୦୦ ବା ସବୁଜ ୫୦୦ ସୁପର କମ୍ପ୍ୟୁଟରର ସୂଚୀରେ ସ୍ଥାନୀତ ହୋଇଛି। ଏହାର ପ୍ରତି ୱାଟ ଶକ୍ତି ପିଛା ଗଣନ ଦକ୍ଷତା ୬୨.୬୮ ଗିଗାଫ୍ଲପ ରହିଛି। ଏଥିରେ ସମୁଦାୟ ୧୪୫ କିମି ଲମ୍ବର କେବୁଲ ଲାଗିଛି। ଏଥିରେ ଶୀତଳୀକରଣ ପାଇଁ ୬୦୦୦ ଗ୍ୟାଲନ ଜଳ ଆବଶ୍ୟକ ହେଉଛି। ଏହି ବିଶାଳ ସୁପର କମ୍ପ୍ୟୁଟରଟି ୬୮୦ ବର୍ଗମିଟର ବା ୭୩୦୦ ବର୍ଗଫୁଟ ସ୍ଥାନ ଅଧିକାର କରିଛି। ଅର୍ଥାତ୍ ଏହା ଗୋଟିଏ ବିରାଟ ହଲ ଆକାରର ହୋଇଛି। ଏହାର ନିର୍ମାଣରେ ୬୦ କୋଟି ଡଲାର ଅର୍ଥ ବ୍ୟୟ କରାଯାଇଛି। ଏହାକୁ ନୂତନ ଔଷଧର ଆବିଷ୍କାର, ନ୍ୟୁକ୍ଲିୟର ସଂଯୋଜନ, ନିର୍ମଳ ଶକ୍ତି ଉତ୍ପାଦନ, ଜଳବାୟୁ ପରିବର୍ତ୍ତନର ମଡେଲ ପ୍ରସ୍ତୁତି, ବିପଜ୍ଜନକ ଭୂତାଣୁ ବିପକ୍ଷରେ ଫଳପ୍ରଦ ଟିକା ଆବିଷ୍କାର, କର୍କଟ ରୋଗ ଗବେଷଣା, ନାକ୍ଷତ୍ରିକ ବିସ୍ଫୋରଣ ଅଧ୍ୟୟନ, ଅତ୍ୟାଧୁନିକ ଦକ୍ଷ ଇଞ୍ଜିନର ବିକାଶ ଆଦି କାର୍ଯ୍ୟରେ ବ୍ୟବହାର କରାଯାଉଛି। ମୋଟାମୋଟି କହିବାକୁ ଗଲେ ମାନବ ଜାତିର ଶାନ୍ତି, ପ୍ରଗତି ଓ ନିରାପଦରେ ଏହି ସୁପର କମ୍ପ୍ୟୁଟରକୁ ଉପଯୋଗ କରାଯାଉଛି।

**– ହିମାଂଶୁ ଶେଖର ଫତେସିଂହ**
ବାଲିଗାଡିଆ, ଜଙ୍କିଆ, ଖୋର୍ଦ୍ଧା, ଓଡ଼ିଶା
ମୋ: ୭୦୦୮୬୬୨୩୪୧



# ମକରେ ମକର ମକରନ୍ଦ



ଓଡିଆ ପର୍ବ ପର୍ବାଣି ମଧ୍ୟରେ ମକର ସଂକ୍ରାନ୍ତି ଅନ୍ୟତମ। ବୈଜ୍ଞାନିକମାନଙ୍କ ମତରେ ଏହି ଦିନଠାରୁ ଆରମ୍ଭ ହୁଏ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି। ଏହାପରେ ଗରମର ପ୍ରଭାବ । ମାତ୍ର ଏହାପଛରେ ରହିଛି ଏକ ପୌରାଣିକ ଗାଥା – ଏହି ସମୟରେ ଶନିଶ୍ଚର ନିଜ ପିତା ସୂର୍ଯ୍ୟଙ୍କ ନିକଟତର ହୋଇଥାନ୍ତି । ଆହୁରି କୁହନ୍ତି ବହୁ ବର୍ଷ ତପସ୍ୟା କରିବା ପରେ ରାଜା ଭାଗୀରଥି ଏହି ଦିନ ମାତା ମନ୍ଦାକିନୀଙ୍କୁ ପୃଥିବୀ ପୃଷ୍ଠକୁ ଆଣିଥିଲେ। ଏପରି ମଧ୍ୟ କୁହାଯାଏ ପିତାମହ ଭୀଷ୍ମ ଏହିଦିନ ଦେହତ୍ୟାଗ କରିଥିଲେ । ଏହାଛଡ଼ା ସମୁଦ୍ର ମନ୍ଥନରୁ ନିର୍ଗତ ଅମୃତର ଏକ ଟୋପା ପୃଥିବୀର ତ୍ରିବେଣୀ ସଙ୍ଗମରେ ପଡିଥିଲା । ତେଣୁ ଏହିଦିନ ପ୍ରତି ବାରବର୍ଷରେ ଥରେ ମହାକୁମ୍ଭ ମେଳା ହୁଏ । ଓଡ଼ିଶାର ସଂସ୍କୃତି ତଥା ପରମ୍ପରାର ଏକ ସୁବର୍ଣ୍ଣ ସ୍ମାରକୀ ହେଉଛି ମକର ସଂକ୍ରାନ୍ତି ; ଯାହା ବନ୍ଧୁତ୍ୱ ମିଳନର ଏକ ମାଧୁର୍ଯ୍ୟମୟ ଅବଧି । ତେଣୁ କୁହାଯାଏ– ମକରେ ମକର ମକରନ୍ଦ। ଏହି ଦିନ କ୍ଷୀର, ଛେନା, କଦଳୀ, ଗୁଡ଼, ନଡ଼ିଆ ଆଦି ମିଶାଇ ସ୍ୱତନ୍ତ୍ରଭାବେ ତିଆରି ହୁଏ ମକର ଚାଉଳ। ଏହା ସହିତ ବିଭିନ୍ନ ସ୍ଥାନରେ ଗୁଡ଼ି ଉଡ଼ା ପର୍ବ ହୋଇଥାଏ। ଭାରତର ଅନ୍ୟ ରାଜ୍ୟରେ ମଧ୍ୟ ମକର ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଏ। ତେଣୁ କୁହାଯାଏ ମକର ସଂକ୍ରାନ୍ତି ଉତ୍ତରାୟଣର ଏକତା ।

**– ଲଳିତ ମୋହନ ମିଶ୍ର**
ନୟାଗଡ଼, ୯୪୩୭୯୮୫୮୬୬



# ଆ ଇ ନା



ତିସ୍ୟା ତନୟା
୯ ବର୍ଷ,
ଭୁବନେଶ୍ୱର



ଲୋଭ୍ୟମ୍ ବରାଳ
୭ ବର୍ଷ, ଖୋର୍ଦ୍ଧା